ODM PUBLIC SCHOOL
SCHOOL OF HUMAN EXCELLENCE
"Best Emerging School of Eastern India"

# ODIA ACTIVITY



GROUP MEMBERS :-

1. NAYAN KUMAR MANIK
2. HARSHEET NAYAK
3. SUDHANSU SAHOO



ଭକ୍ତକବି ମଧୁସୂଦନ ରାଓ

# ପଦ୍ମ

NA8GVZ

• ମଧୁସୂଦନ ରାଓ

**କବି ପରିଚୟ :**

ମଧୁସୂଦନ ରାଓ (୧୮୫୩-୧୯୧୨) ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ସ୍ରଷ୍ଟା । ଗୀତିକବିତା, ପ୍ରବନ୍ଧ, ଅନୁବାଦ, ଶିଶୁ ସାହିତ୍ୟର ରଚୟିତା ଭାବରେ ସେ ବିଶେଷ ସମ୍ମାନାସ୍ପଦ । ବ୍ରାହ୍ମଧର୍ମ ଗ୍ରହଣ ପରେ ତାଙ୍କ କବିତାର ଆତ୍ମିକ ଚିନ୍ତନରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲେ ମଧ୍ୟ ଉପନିଷଦୀୟ ଭାବଧାରା ତାହା ଭିତରେ ଉପଲବ୍ଧି କରିହୁଏ । ଓଡ଼ିଆ ପ୍ରବନ୍ଧ ଓ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । ଈଶ୍ୱର ଭକ୍ତି, ରହସ୍ୟବାଦୀ ଚିନ୍ତାଧାରା ଓ ସର୍ବୋପରି ଜୀବନବାଦୀ ଭାବଧାରା ତାଙ୍କ କବିତାଗୁଡ଼ିକୁ ଚିରନ୍ତନ ମୂଲ୍ୟବୋଧରେ ଋଦ୍ଧିମନ୍ତ କରିଛି । 'କବିତାବଳୀ', 'ଛାନ୍ଦମାଳା', 'କୁସୁମାଞ୍ଜଳି', 'ବସନ୍ତ ଗାଥା', 'ପ୍ରବନ୍ଧମାଳା', 'ବର୍ଣ୍ଣବୋଧ' ଆଦି କୃତି ଓଡ଼ିଆ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ ।

'ପଦ୍ମ' କବିତାଟିରେ ସୌନ୍ଦର୍ଯ୍ୟବୋଧ ସହିତ ଈଶ୍ୱରାନୁଭୂତି ସମ୍ମିଶ୍ରିତ । ମଣିଷପାଇଁ ଏହା ଏକ ଉତ୍ତରଣର ମାର୍ଗ ପ୍ରଦର୍ଶନ କରିପାରିଅଛି । କବିତାଟି 'ଛାନ୍ଦମାଳା'ର ଅନ୍ତର୍ଗତ ।



## ୧- କବିତାଂଶ

ପଦ୍ମର ଅସଂଖ୍ୟ ରୂପଲାବଣ୍ୟ କବିଙ୍କ ପ୍ରାଣରେ ଦିବ୍ୟଚେତନା ସୃଷ୍ଟି କରିଛି । ଏହାର ବିମଳ ଶୋଭା ସୌରଭକୁ କବି ପ୍ରାଣେ ପ୍ରାଣେ ଅନୁଭବି କରିଛନ୍ତି । ପଦ୍ମକୁ ସେ କୋଟି ଲାବଣ୍ୟନିଧି ଭାବେ ବର୍ଣ୍ଣନା କରି କହିଛନ୍ତି ଯେ ଏହାର ସୁକୋମଳ ରୂପ ର ଦର୍ଶନ କରି କବିଙ୍କ ହୃଦୟ ଅମୃତମୟ ହୋଇ ଉଠୁଛି ଏବଂ ତାଙ୍କ ପ୍ରାଣ ପୁଲକିତ ହୋଇ ଉଠିଛି ।

## ୨- କବିତାଂଶ

ଛଳ ଛଳ ନୀର ରଶ୍ମିପାତ କମଳ କବିଙ୍କ ପାଇଁ ସର୍ବଶୋଭାର ପ୍ରତୀକ / ଏକ ଶାନ୍ତ - ନୀରବ - ଗଭୀର ମୁହୂର୍ତ୍ତରେ ଛଳ ଛଳ ସୁନୀଳ ସରସୀ ଜଳ ଓ ଭାସ୍କରର ଉଜ୍ଜ୍ୱଳ ରଶ୍ମି ର ଦର୍ଶନ କରି କବିଙ୍କ ପ୍ରାଣରେ ଏକ ଅପୂର୍ବ ଭାବର ଅପୂରନ୍ତ ସ୍ଫୁରଣ ଘଟାଇଅଛି ।

## ୩ - କବିତାଂଶ

ଏଠାରେ କବି ଅନୁଭବ କରିଛନ୍ତି ଯତେ ଯେପରି ରାଜୀବ ତାଙ୍କ ପ୍ରାଣପ୍ରିୟ ପ୍ରଭୁ ସୂର୍ଯ୍ୟଙ୍କୁ ଅତି ଭକ୍ତି ଭାବନାରେ ଏକାଲୟରେ ଚାହିଁରହି ତାଙ୍କ ସାନ୍ନିଧ୍ୟକୁ ପ୍ରାଣଭରି ଉପଭୋଗ କରିଛନ୍ତି । ସୂର୍ଯ୍ୟଦେବ ମଧ୍ୟ ତାଙ୍କ ଭକ୍ତିରେ ମୁଗ୍ଧ ହୋଇ ନିଜ ପ୍ରାଣପ୍ରିୟାର ମୁଖମଣ୍ଡଳରେ ଦିବ୍ୟ ଅମୃତମୟ କିରଣ ଅବିରଳ ଭାବେ ପ୍ରଦାନ କରି ତାଙ୍କୁ ଧନ୍ୟ କରିଛନ୍ତି ।

## ୪ - କବିତାଂଶ

ପଦ୍ମ ମଧ୍ୟ ଅତି ଆନନ୍ଦରେ ସୂର୍ଯ୍ୟଙ୍କ ଶୁଭ୍ର ଜ୍ୟୋତିଧାରାକୁ ଅମୃତ ଭଳି ଅତି ସଭକ୍ତି ଭାବେ ପାନ କରି ଏପରି ନିର୍ବଚନୀୟ ଲାବଣ୍ୟମୟୀ ଚନ୍ଦ୍ରାର ଅଧିକାରିଣୀ ହୋଇପାରିଛି ବୋଲି ଏବଂ ପୂର୍ଣ୍ଣମୟ ଆନନ୍ଦ ର ଉପଭୋକ୍ତା ହୋଇପାରିଛି ବୋଲି କବି ଏଠାରେ ଅନୁଭବ କରିଛନ୍ତି ।



## ୫ - କବିତାଂଶ

ପଦ୍ମର ଅନ୍ତର ଦିବ୍ୟ ସୌରଭର ଭଣ୍ଡାର । ତାହା ହୃଦୟରେ ଅମୃତ ଭରି ରହିଛି ଯାହା ମଧୁଗନ୍ଧରେ ଆମୋଦିତ ମଧୁପ ଦଳ ମଧୁପାନରେ ପ୍ରମତ୍ତ । ପଦ୍ମର ସେହି ପବିତ୍ର ସୁବାସ କବିଙ୍କ ପ୍ରାଣରେ ଶୀତଳତା ଭରି ଦେଉଛି ।

## ୬ - କବିତାଂଶ

ଶ୍ୱେତ - ଲୋହିତ ରଙ୍ଗର ସମ୍ମିଶ୍ରଣରେ ଗଠିତ ପଦ୍ମର ଶରୀର କବିଙ୍କ ହୃଦୟରେ ଦିବ୍ୟଚେତନା ସୃଷ୍ଟି କରିଛି । ତେଣୁ କବି କହିଛନ୍ତି ଯେ ପଦ୍ମ ସଂସାରର ସବୁ ଶୋଭା, ପ୍ରଶଂସା ର ଉପମାସ୍ଥଳ । ତେଣୁ କବି ବାରମ୍ବାର ତା' ରୂପ ଦର୍ଶନରେ ବିଭୋର ହେବାକୁ ଇଚ୍ଛା କରିଛନ୍ତି ।

## ୭ - କବିତାଂଶ

କମଳର ଅନ୍ତରରେ ଭରା ଅମୃତ ରସରେ କବି କରୁଣା, ଭକ୍ତି ଓ ସ୍ନେହ ର ତ୍ରିବେଣୀ ମଙ୍ଗଳ ଲକ୍ଷ୍ୟ କରିଛନ୍ତି, ତେଣୁ ତା'ର ଦର୍ଶନରେ କବି ହୃଦୟରେ ବିମଳ ଶାଶ୍ୱତ ଭାବନା ପରିପୂର୍ଣ୍ଣ ହୋଇ ଉଠିଛି ।

## ୮ - କବିତାଂଶ

ଭଗବାନଙ୍କ ବରରେ ସଂସାରର ସମସ୍ତ ପବିତ୍ର, ମଧୁମୟ ଓ ମନୋହର ବସ୍ତୁ ସହ ପଦ୍ମର ନାଁଆ ସମ୍ପର୍କୀକୃତ ରହିଛି । ତେଣୁ ପ୍ରିୟଜନର ମୁଖ, ଲୋଚନ, ହସ୍ତ, ଚରଣ ସହ ପଦ୍ମର ନାମ ସଂଯୋଜିତ ହୋଇଥିଲେ ତାହା ଆନନ୍ଦ ଏବଂ ସୁଖ ପ୍ରଦାୟକ ହୋଇଥାଏ ।



## ୯ - କବିତାଂଶ

ପଦ୍ମର ନାମ ସଂସାରର ସମସ୍ତ ପବିତ୍ର ବସ୍ତୁ ସହ ସଂଯୋଜିତ ହେବାରୁ ସତ୍ୟ-ଶିବ- ସୁନ୍ଦର ପରମେଶ୍ୱରଙ୍କ ହସ୍ତପାଦାଦି ସହ ଅରବିନ୍ଦ ନାମକୁ ସଂଯୋଜିତ କରି ଭକ୍ତ ଭାବାବେଗରେ ତନ୍ମୟ ହୁଏ । ସେହି କାରଣରୁ ଭକ୍ତଜନର ପଦ୍ମ ଅତି ପ୍ରିୟ ଓ ପବିତ୍ର ପୁଷ୍ପ ।

## ୧୦ - କବିତାଂଶ

ପଦ୍ମ ହେଉଛି ସଂସାରର ସର୍ବ ସୋଭାର ମିଳନସ୍ଥଳ । କବିଙ୍କ ମତରେ ତାଙ୍କ ଓ ପଦ୍ମ ଫୁଲର ମଧ୍ୟରେ ଅତି ନିଗୂଢ଼ ଯୋଗ ଅଛି । ତେଣୁ ଜୀବନ ଓ ମୃତ୍ୟୁରେ ଦିବାନିଶି ତାଙ୍କ ସହ ସଂଯୋଗ ଇଚ୍ଛା କରିବାର କବି ଙ୍କ ମନରେ କାମନା ଜାଗ୍ରତ ହୋଇଛି ।

## ୧୧ - କବିତାଂଶ

କବି କହିଛନ୍ତି ଯେ ସବୁ ମନୁଷ୍ୟ ଜାତି କଳୁଷିତ ପଙ୍କ ଅର୍ଥାତ କାମ, କ୍ରୋଧ , ଲୋଭ, ମୋହ, ମାୟା ରେ ମଳିନ ହୋଇଯାଇଛି ଏବଂ ନିଜ ପବିତ୍ରତା ରକ୍ଷା କରିବାରେ ଅସଫଳ ହୋଇଛି । ଠିକ୍ ପର ମୁହୂର୍ତ୍ତରେ ପଦ୍ମ ର ଜନ୍ମ ମଧ୍ୟ ପଙ୍କରୁ କିନ୍ତୁ ସେ ନିଜର ପୂର୍ଣ୍ଣ ସମର୍ପଣ ଭାବ ଓ ସାଧନା ଓ ଭକ୍ତି ଦ୍ୱାରା ବିଷ୍ଣୁ ଆଶୀର୍ବାଦ ପ୍ରାପ୍ତ କରିଛି ଓ ପବିତ୍ରତା ହାସଲ କରିଛି । ତେଣୁ ମଣିଷ ମଧ୍ୟ ନିଜକୁ ପରଂବ୍ରହ୍ମ ଓ ମହେଶ୍ୱରଙ୍କ ପାଖରେ ସମର୍ପିତ କରି ବ୍ରହ୍ମସ୍ୱାଦ ଲାଭ କରିପାରିବେ ବୋଲି ତାଙ୍କ ପରାମର୍ଶ ଯାହା ଦ୍ୱାରା ଆମେ ପଙ୍କଜ ପରି ପବିତ୍ର ହୋଇପାରିବା

## ୧୨ - କବିତାଂଶ

ବିଶ୍ୱନିୟନ୍ତାଙ୍କ ନିକଟରେ ସମର୍ପିତ ହୋଇ ତାଙ୍କ ପ୍ରତି ସଦା ତନ୍ମୟ ରହିବାକୁ ପଦ୍ମ କବିଙ୍କୁ ଇଙ୍ଗିତ ପ୍ରଦାନ କରିଛନ୍ତି । ଏହା ମହାନ୍ ବ୍ରତ କବି ପଦ୍ମଠାରୁ ଶିକ୍ଷା କରିଛନ୍ତି ଓ ସମସ୍ତଙ୍କୁ ଆପଣେଇବାର ପରାମର୍ଶ ଦେଉଛନ୍ତି


THANK
YOU